# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 01st February - 2025

**********************************

***Desk***

## କେନ୍ଦ୍ର ବଜେଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରର ତୃତୀୟ ପାଳିର ଏହା ଦ୍ୱିତୀୟ ବଜେଟ୍ ହେବ । ବଜେଟ୍ ଉପସ୍ଥାପନ ପୂର୍ବରୁ ଗତକାଲି ସଂସଦର ଉଭୟ ଗୃହରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ ହୋଇଥିଲା । ୨୦୧୯ରେ ଦାୟିତ୍ୱ ଗ୍ରହଣ କରିବା ପରେ ଅର୍ଥମନ୍ତ୍ରୀ ଭାବେ ନିର୍ମଳା ସୀତାରମଣ କ୍ରମାଗତ ଭାବେ ଅଷ୍ଟମ ଥର ଲାଗି ଆଜି ବଜେଟ୍ ଉପସ୍ଥାପନ କରିବେ । ଲୋକସଭା ପରେ ରାଜ୍ୟସଭାରେ ବଜେଟ୍ ଉପସ୍ଥାପନ ହେବ । ୨୦୨୧ ମସିହାଠାରୁ କାଗଜ ବଜେଟ୍ ପରିବର୍ତ୍ତେ ଡିଜିଟାଲ୍ ବଜେଟ୍ ଉପସ୍ଥାପିତ ହେଉଛି । ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା କରାଯିବ ।

*Koraput/R*

# ବଜେଟ୍ ପ୍ରତିକ୍ରିୟା

ବଜେଟ୍‌ର ରୂପରେଖ ଏବଂ ବଜେଟ୍‌କୁ ନେଇ ବିଶେଷଜ୍ଞ, ଅର୍ଥନୀତିଜ୍ଞ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ବହୁ ଆଶା ଓ ଆକାଂକ୍ଷା ଦେଖା ଦେଇଛି । ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କଠାରୁ ପ୍ରାକ୍ ବଜେଟ୍ ପ୍ରତିକ୍ରିୟା ସଂଗ୍ରହ କରାଯାଇଛି । ଏ ନେଇ କୋରାପୁଟ ଜିଲ୍ଲାର ମହମ୍ମଦ ଖଲିଲ୍ କହିଛନ୍ତି...

***Voice*** :............

*Desk*

# ସ୍ୱତନ୍ତ୍ର ସମ୍ବାଦ ପ୍ରସାରଣ

କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନକୁ ଦୃଷ୍ଟିରେ ରଖି ଆମର ନିୟମିତ ସମ୍ବାଦ ସହ ଅପରାହ୍ଣ ୪ଟା ଏବଂ ସନ୍ଧ୍ୟା ୬ଟାରେ ସ୍ୱତନ୍ତ୍ର ଆଞ୍ଚଳିକ ସମ୍ବାଦ ଏବଂ ରାତି ୮ଟାରେ ଏକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ।

*Desk*

# ସଡ଼କ ନିର୍ମାଣ

ରାସ୍ତା ନିର୍ମାଣ, ମରାମତି ଏବଂ ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରିବେ । ଗତକାଲି ଭୁବନେଶ୍ୱର ଲୋକସେବା ଭବନ

ସମ୍ମିଳନୀ କକ୍ଷରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ହୋଇଛି । ବାର୍ଷିକ ୧୫ ହଜାର କିଲୋମିଟର ରାସ୍ତା ନିର୍ମାଣ ସହ ସଡ଼କ ଦୁର୍ଘଟଣା ଏଡ଼ାଇବାପାଇଁ ନୂତନ ନୀତିରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ରାସ୍ତା ସମ୍ପ୍ରସାରଣ ସମୟରେ ପୁରୁଣା ତଥା ବଡ଼ ଗଛକୁ ନ କାଟି ଯେଭଳି ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରିବ, ସେନେଇ ନୀତିରେ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

***Desk***

# ମୋଟର ବୀମା ଇ-ଯାଞ୍ଚ

ରାଜ୍ୟରେ ଆଜିଠାରୁ ସ୍ୱୟଂକ୍ରିୟ ବ୍ୟବସ୍ଥାରେ ଟୋଲ୍‌ଗେଟ୍‌ରେ ମୋଟରଯାନ ବୀମା ଇ-ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେଉଛି । ପ୍ରଥମ ପର୍ଯ୍ୟାୟରେ ଜାତୀୟ ରାଜପଥରେ ଥିବା ୨୨ଟି ଟୋଲ୍‌ଗେଟ୍‌ରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ଅନୁକମ୍ପାମୂଳକ ବୀମାରାଶି ପାଇବାରେ ଅସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ନିୟମ ଉଲ୍ଲଙ୍ଘନ କଲେ ୨ ହଜାର ଟଙ୍କା ଜରିମାନା ସହ ୩ ମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି ।

*Desk*

# ଉତ୍ତରାଞ୍ଚଳ ଆର୍.ଡି.ସି.

ରାଜ୍ୟ ସରକାର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି । ସ୍ଥାୟୀ ଅଧ୍ୟକ୍ଷଙ୍କ ନାମାଙ୍କନ ବିଚାରାଧୀନ ଥିବାରୁ ବିକାଶ ପରିଷଦ ପରିଚାଳନା ବୋର୍ଡ଼ର ସ୍ଥାୟୀ ସଦସ୍ୟ ଥିବା ଉତ୍ତରାଞ୍ଚଳ ଆର୍.ଡି.ସି.ଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ପୂର୍ବତନ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଗତ ଅଗଷ୍ଟ ୭ ତାରିଖରେ ଇସ୍ତଫା ଦେବା ପରେ ଏହି ପଦ ଖାଲି ପଡ଼ିଥିଲା ।

*Desk*

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ଆବେଦନ ଅବଧି ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଜିଲ୍ଲା ଓ ବ୍ଲକ୍ ସ୍ତରରେ ଆୟୋଜିତ ଶିବିରରେ ପୁରସ୍କାର ପାଇବାପାଇଁ ଯୋଗ୍ୟ ପ୍ରାର୍ଥୀମାନେ ଆବେଦନ କରିପାରିବେ ବୋଲି ଓଡ଼ିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ନିମନ୍ତେ ଗତ ଗୁରୁବାର ଶେଷ ଦିନ ଥିଲା ।

***Desk***

# ବିଧାନସଭା ସଚିବ

ରାଜ୍ୟ ବିଧାନସଭାର ସଚିବ ଭାବେ ୨୦୧୩ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସତ୍ୟବ୍ରତ ରାଉତଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି । ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଶ୍ରୀ ରାଉତ ବିଧାନସଭା ସଚିବ ତଥା ଓ.ଏସ୍.ଡି. ଦାଶରଥୀ ଶତପଥୀଙ୍କ ସ୍ଥାନରେ କାର୍ଯ୍ୟ କରିବେ ।

***Puri/R***

# ପଦ୍ମବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ପଦ୍ମବେଶ ଅନୁଷ୍ଠିତ ହେବ । ଶ୍ରୀମସ୍ତକରୁ ପାଦ ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହଙ୍କୁ ପଦ୍ମଫୁଲରେ ସଜ୍ଜିତ କରାଯିବ । ପରମ୍ପରା ଅନୁଯାୟୀ ମାଘମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ଯେଉଁଦିନ ବୁଧବାର କିମ୍ବା ଶନିବାର ପଡ଼ିଥାଏ, ସେହିଦିନ ମହାପ୍ରଭୁଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଥାଏ । ଆଜି ରାତିରେ ମହାପ୍ରଭୁ ପଦ୍ମବେଶରେ ସଜ୍ଜିତ ହୋଇ ପହୁଡ଼ ହେବେ । ଆସନ୍ତାକାଲି ଅବକାଶ ନୀତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଏହି ବେଶ ଦର୍ଶନ କରିପାରିବେ । ବଡ଼ଛତା ମଠପକ୍ଷରୁ ଏହି ବେଶପାଇଁ ଫୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ ।

*Desk*

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ର ଫାଇନାଲ୍‌ରେ ଆଜି ଶ୍ରାଚି ରାଢ ବେଙ୍ଗଲ୍ ଟାଇଗର୍ସ ଏବଂ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ଆଜି ରାତି ୮ଟା ୧୫ ମିନିଟ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ତୃତୀୟ ଓ ଚତୁର୍ଥ ସ୍ଥାନପାଇଁ ସନ୍ଧ୍ୟା ୬ଟାବେଳେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ବେଙ୍ଗଲ୍ ଟାଇଗର୍ସ ସୁଟ୍‌ଆଉଟ୍ ଜରିଆରେ ୬-୫ ଗୋଲ୍‌ରେ ତାମିଲ୍‌ନାଡୁ ଡ୍ରାଗନ୍ସକୁ ପରାସ୍ତ କରିଥିଲା । ଦ୍ୱିତୀୟ ସେମିଫାଇନାଲ୍‌ରେ ହାଇଦ୍ରାବାଦ ତୁଫାନ୍ସ ୩-୧ ଗୋଲ୍‌ରେ ସୁର୍‌ମା ହକି କ୍ଲବ୍‌କୁ ପରାସ୍ତ କରିଛି ।

*****